বিদ্যালয় শিক্ষা নির্দ্দেশক

ବନାମ

ଟି. ଲେକ୍ସମାୟା ଏବଂ ଅନ୍ୟମାନେ

2, ଏପ୍ରିଲ 1997

[କେ. ରାମାସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ-ଆଗୁଆ ବେତନ ବୃଦ୍ଧି-ହକଦାର-ଶୀର୍ଷକ-4.2.1980 ତାରିଖର G.O.Ms ସଂଖ୍ୟା 41-ବିଦ୍ୟମାନ ପଦବୀ କିମ୍ବା ବର୍ଗରେ ଥିବା ସେବାର ଗୁରୁତ୍ୱ ଅଭିବ୍ୟକ୍ତି-ବ୍ୟାଖ୍ୟା-II ଶ୍ରେଣୀରେ କାର୍ଯ୍ୟ କରୁଥିବା ଉତ୍ତରଦାତାମାନେ-ପରବର୍ତ୍ତୀ ସମୟରେ I ଶ୍ରେଣୀକୁ ପଦୋନ୍ନତି-ପ୍ରଶ୍ନ ହେଉଛି ଯେ ପୂର୍ବବର୍ତ୍ତୀ ସମଗ୍ର ସେବାକୁ ଆଗୁଆ ବେତନବୃଦ୍ଧି ଉଦ୍ଦେଶ୍ୟରେ ଗଣନା କରାଯାଇପାରିବ କି-ଦ୍ୱିତୀୟ ଶ୍ରେଣୀରେ ପୂର୍ବବର୍ତ୍ତୀ ସେବାକୁ 4, ଫେବୃଆରୀ 1980 ତାରିଖର G.O.Ms ସଂଖ୍ୟା 41 ଅନୁଯାୟୀ ଆଗୁଆ ବେତନବୃଦ୍ଧି ଦାବି କରିବା ଉଦ୍ଦେଶ୍ୟରେ ସଲଗ୍ନ କରାଯାଇପାରିବ ନାହିଁ ।*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 1671/1986 ।

ଆର. ପି. ସଂଖ୍ୟା 767/1981 ରେ ଆନ୍ଧ୍ର ପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣ, ହାଇଦ୍ରାବାଦଙ୍କର 26.6.95 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଅନିଲ କୁମାର ତାଣ୍ଡାଲେ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଶେଷ ଅନୁମତି ଦ୍ୱାରା ଦଖଲ କରାଯାଇଥିବା ଏହି ଆବେଦନ ଆର୍. ପି. ସଂଖ୍ୟା 767/81 ରେ ଆନ୍ଧ୍ର ପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣ, ହାଇଦ୍ରାବାଦଙ୍କର 26, ଜୁନ୍ 1985 ତାରିଖର ଆଦେଶ ଉତ୍ପନ୍ନ ହୋଇଛି । ନ୍ୟାୟାଧିକରଣ କେବଳ ଆବେଦନକାରୀଙ୍କ ପକ୍ଷରୁ ଜବାବି -ସତ୍ୟପାଠ ଦାଖଲ କରିବାରେ ବିଫଳତା ଆଧାରରେ, ପ୍ରତିନିଧିମୂଳକ ଆବେଦନକୁ ଅନୁମତି ଦେଇଛନ୍ତି । ସେଥିରେ ସେମାନେ ଅର୍ଥ ଏବଂ ଯୋଜନା (ୱିଙ୍ଗର PRC-I)ର 4.2.1980 ତାରିଖର

G.O.Ms ସଂଖ୍ୟା 41କୁ ଦୃଷ୍ଟିରୁ ସେବାର ଅବଧି ଉପରେ ନିର୍ଭର କରି ପହୟଗତ ବେତନ ବୃଦ୍ଧିର ଲାଭ ଦାବି କରିଥିଲେ ।

ସ୍ୱୀକୃତ ସ୍ଥିତି ହେଉଛି ଯେ ଉତ୍ତରଦାତାମାନେ ବରିଷ୍ଠ ସହାୟକ ଶ୍ରେଣୀ -II ପଦବୀରେ 200-240/-ଟଙ୍କା ବେତନ ପାହ୍ୟାରେ କାର୍ଯ୍ୟ କରୁଥିଲେ । ସେମାନଙ୍କୁ 430-800/-ଟଙ୍କାର ବେତନ ପାହ୍ୟାରେ ଶ୍ରେଣୀ-1 କୁ ପଦୋନ୍ନତି ଦିଆଯାଇଥିଲା । ସରକାର 7, ସେପ୍ଟେମ୍ବର 1979 ତାରିଖର G.O.Ms ସଂଖ୍ୟା 235ରେ ଏକ ଆଦେଶ ପାରିତ କରି 1, ଏପ୍ରିଲ 1978 ତାରିଖରୁ ସଂଶୋଧିତ ବେତନ ପାହ୍ୟା ପ୍ରାଦାନ କରିଥିଲେ । ଯେପରି ପୂର୍ବରୁ କୁହାଯାଇଛି, 4.2.1980 ତାରିଖର G.O.Ms Fin. ସଂଖ୍ୟା 41 ନିମ୍ନମତେ ଲାଭ ପ୍ରଦାନ କରିଥାଏ:

> " ବିଦ୍ୟମାନ ପଦବୀ କିମ୍ବା ବର୍ଗରେ ସେବା ପାଇଁ ଗୁରୁତ୍ୱ ସଂଶୋଧିତ ବେତନ ସ୍କେଲ, 1978 ରେ ନିମ୍ନମତେ ହେବ ।
>
> (i) ଶ୍ରେଣୀ I ରୁ XVII ରେ ଥିବା ସମସ୍ତ କର୍ମଚାରୀଙ୍କୁ ତିନି ବର୍ଷରୁ ଏବଂ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସେବା ଅବଧି ପାଇଁ ଗୋଟିଏ ବେତନବୃଦ୍ଧି ଅନୁମତି ଦିଆଯିବ, ପାଞ୍ଚ ବର୍ଷରୁ ଏବଂ ସାତ ବର୍ଷ ପର୍ଯ୍ୟନ୍ତ ସେବା ପାଇଁ ଦୁଇଟି ବେତନବୃଦ୍ଧି, ସାତ ବର୍ଷରୁ ଏବଂ ଅଧିକ ସେବା ପାଇଁ ତିନୋଟି ବେତନବୃଦ୍ଧି ପ୍ରଦାନ କରାଯିବ ।

ତେଣୁ ପ୍ରଶ୍ନ ହେଉଛି ଯେ:ଉତ୍ତରଦାତାମାନେ ପୂର୍ବରୁ ଉଲ୍ଲେଖ କରାଯାଇଥିବା G.O.M. ସଂଖ୍ୟା 41 ଅନୁଯାୟୀ ଆଗୁଆ ବେତନବୃଦ୍ଧି ଗଣନା କରିବା ପାଇଁ ଶ୍ରେଣୀ -II ଶିକ୍ଷକ ଭାବରେ ସେମାନଙ୍କର ସମ୍ପୂର୍ଣ୍ଣ ପୂର୍ବ ସେବା ପାଇଁ ଏକ ଟ୍ୟାଗ୍ ପାଇବାକୁ ହକଦାର କି?ଏହା ବିଶେଷ ଭାବରେ "ବିଦ୍ୟମାନ ପଦବୀ କିମ୍ବା ବର୍ଗରେ ସେବା ପାଇଁ ଗୁରୁତ୍ୱ" ର ପରିକଳ୍ପନା କରିଛି । ଏହା ସୂଚିତ କରିବ ଯେ ବିଦ୍ୟମାନ ପଦବୀ କିମ୍ବା ବର୍ଗରେ ପ୍ରଦାନ କରାଯାଇଥିବା ସେବା ପାଇଁ ଗୁରୁତ୍ୱ G.O.Ms ସଂଖ୍ୟା 41 ଅନୁଯାୟୀ ଧ୍ୟାନ ଦିଆଯିବ, ଅନ୍ୟ ଅର୍ଥରେ, ଯଦି ପାହ୍ୟା-I ଶିକ୍ଷକ ପାଞ୍ଚ ବର୍ଷର ସେବା ପରେ ମଧ୍ୟ ଶ୍ରେଣୀ -I ସେବାରେ ରୁହନ୍ତି, ତେବେ ସେ ଗୋଟିଏ ବୃଦ୍ଧି ପାଇବାକୁ ହକଦାର, 'ପାଞ୍ଚରୁ ସାତ ବର୍ଷର ସେବା ପାଇଁ, ସେ ଦୁଇଟି ବେତନ ବୃଦ୍ଧି ପାଇବାକୁ ହକଦାର, ଏବଂ ସାତ ବର୍ଷ ଏବଂ ତଦୁର୍ଦ୍ଧ ସେବା ପାଇଁ, ସେ ବାହ୍ୟ ସର୍ବାଧିକ ତିନୋଟି ବୃଦ୍ଧି ପାଇବାକୁ ହକଦାର । ଶ୍ରେଣୀ -I ରୁ 430-800/-ଟଙ୍କା ବେତନ ପାହ୍ୟା ବିଶିଷ୍ଟ ଶ୍ରେଣୀ -II କୁ ପଦୋନ୍ନତି ବେଳେ ପ୍ରଥମ ଶ୍ରେଣୀରେ ତାଙ୍କର ସେବା

ପ୍ରଦାନ ତିନି ବର୍ଷରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ହୋଇଥିବା ଆବଶ୍ୟକ, ପାଞ୍ଚ ରୁ ସାତ ବର୍ଷର ସେବା ପାଇଁ, ସେ ଦୁଇଟି ବୃଦ୍ଧି ପାଇବାକୁ ହକଦାର, ଏବଂ ସାତ ବର୍ଷ ଏବଂ ତା 'ଠାରୁ ଅଧିକ ସେବା ପାଇଁ, ସେ ତିନୋଟି ବୃଦ୍ଧି ପାଇବାକୁ ହକଦାର ।
4 ଫେବୃଆରୀ, 1980 ତାରିଖର G.O.Ms, ସଂଖ୍ୟା 41 ଅନୁଯାୟୀ ଆଗୁଆ ବେତନବୃଦ୍ଧି ଦାବି କରିବା ଉଦ୍ଦେଶ୍ୟରେ ସେ ଶ୍ରେଣୀ-II ରେ ପୂର୍ବ ସେବାକୁ ଯୋଡି ପାରିବେ ନାହିଁ ।

ତେଣୁ ଆବେଦନକୁ ଅନୁମତି ଦିଆଯାଇଛି, ନ୍ୟାୟାଧିକରଣଙ୍କର ଆଦେଶକୁ ବାତିଲ କରାଗଲା । କୌଣସି ଖର୍ଚ୍ଚ ରହିବ ନାହିଁ ।

ଟି. ଏନ୍. ଏ. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।